# ମହୋଦଧିରେ ଭାରତରତ୍ନ
# ସ୍ୱର୍ଗତ ଅଟଳଜୀଙ୍କ ଚିତାଭସ୍ମ ବିସର୍ଜିତ

**ଭୁବନେଶ୍ୱର, ତା୨୩/୦୮** : ''ଅଟଳ ଜୀ ଅମର ରହେ''... ''ଜବ ତକ ସୁରଜ ଚାନ୍ଦ ରହେଗା- **ଅଟଳଜୀ** କା ନାମ ରହେଗା'' .. ଅଟଳ ହମାରେ ଅଟଳ ରହେଙ୍ଗେ... ଏପରି ନାରା ଦେଇ ହଜାର ହଜାର ସଂଖ୍ୟାରେ ଅଟଳ ପ୍ରେମୀ ଆଜି ଦଳୀୟ କାର୍ଯ୍ୟାଳୟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଅଟଳଜୀଙ୍କ ଅସ୍ଥି କଳସ ସହ ପୁରୀ ମହୋଦଧି ପର୍ଯ୍ୟନ୍ତ ଯାଇଥିଲେ । ନାମ, ସଂକୀର୍ତନ ମାଧମରେ ସ୍ୱର୍ଗତଃ ଅଟଳଜୀଙ୍କୁ ଭକ୍ତିପୂତ ଶଦ୍ଧାଞ୍ଜଳି ସହ ଦଳୀୟ କାର୍ଯ୍ୟାଳୟରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା । ଏକ ସୁସଜ୍ଜିତ ଗାଡି ମାଧମରେ ସ୍ୱର୍ଗତଃ ଅଟଳଜୀଙ୍କ ଅସ୍ଥି କଳସକୁ ରାଜ୍ୟ ସଭାପତି ବସନ୍ତ ପଣ୍ଡା ରଖି ମହୋଦଧି ଅଭିମୁଖେ ଯାତ୍ରା କରିଥିଲେ ।

ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଅସ୍ଥି କଳସ ଦଳୀୟ କାର୍ଯ୍ୟାଳୟରୁ ବାହାରି ଭୁବନେଶ୍ୱରର ରାଜମହଲ ଛକ, ଧଉଳି ଛକ, ଉତରା ଛକ, ପିପିଲି, ଦାଣ୍ଡ ମୁକୁନ୍ଦପୁର, ସାତଶଙ୍ଖ, ପଟ୍ଟନାୟକିଆ, ସାକ୍ଷୀଗୋପାଳ, ବୀର ଗୋବିନ୍ଦପୁର, ବୀର ପ୍ରତାପପୁର, ଚନ୍ଦନପୁର, ଅଠରନଳା, ସିଂହଦ୍ୱାର ଦେଇ ମହୋଦଧୀରେ ବିସର୍ଜନ କରାଯାଇଛି । ରାସ୍ତାରେ ବିଭିନ୍ନ ଛକ ଓ ବଜାରରେ ଶହ ଶହ ସଂଖ୍ୟାରେ ଅଟଳ ପ୍ରେମୀ ପୁଷ୍ପ ଗୁଚ୍ଛ ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସର୍ବଧର୍ମ ଏବଂ ସର୍ବ ଦଳ ନିର୍ବିଶେଷରେ ଅଟଳଜୀଙ୍କ ଅସ୍ଥି କଳସକୁ ଶେଷ ଦର୍ଶନ କରିବା ପାଇଁ ବିପୁଳ ଜନସମାଗମ ହୋଇଥିଲା । ଏପରିକି ସ୍କୁଲ ଛାତ୍ରଛାତ୍ରୀମାନେ ତାଙ୍କର ପ୍ରିୟ ନେତା ତଥା ମହାନ ଜନନାୟକ ସ୍ୱର୍ଗତଃ ଅଟଳଜୀଙ୍କ ଶୋଭାଯାତ୍ରାରେ ସାମିଲ ହୋଇ ତାଙ୍କର ସ୍ମୃତି ଚାରଣ କରିଥିଲେ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି ।

ସେହିପରି ପୁରୀବାସୀ ସ୍ୱର୍ଗତଃ ଅଟଳଜୀଙ୍କ ଅସ୍ଥି କଳସ ଶୋଭାଯାତ୍ରାରେ ସ୍ୱତଃପ୍ରବୃତ ସାମିଲ ହୋଇଥିଲେ । ଅଠରନଳା ଠାରୁ ଏକ ବିଶାଳ ପଦଯାତ୍ରା ବାହାରି ପୁରୀ ସିଂହଦ୍ୱାରା ଦେଇ ଶ୍ରୀମନ୍ଦିର ବେଢା ପରିକ୍ରମା କରି ମହୋଦଧି ନିକଟରେ ପହଂଚିଥିଲା । ସେଠାରେ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥି କଳସରେ ଥିବା ଚିତା ଭସ୍ମକୁ ପୁରୀ ମହୋଦଧିରେ ବୈଦିକ ରୀତି ନୀତି ଅନୁଯାୟୀ ବିସର୍ଜନ କରାଯାଇଥିଲା ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

ଆସନ୍ତାକାଲି ସଂଧ୍ୟାରେ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆ ଠାରେ ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ । ଏହି ପ୍ରାର୍ଥନା ସଭାରେ ସମସ୍ତ ଜନସାଧାରଣ, ବୁଦ୍ଧିଜିବୀ ଓ ସମସ୍ତଦଳର ନେତା ଓ କର୍ମୀମାନଙ୍କୁ ଉପସ୍ଥିତ ରହି ସ୍ୱର୍ଗତଃ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଦଳ ତରଫରୁ ନିବେଦନ କରାଯାଇଛି ।

ସ୍ୱର୍ଗତ ଅଟଳଜୀଙ୍କ ଅସ୍ଥି କଳସ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ରଘୁନାଥ ମହାପାତ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ବିଧାୟକ ଦଳ ନେତା କେ.ଭି ସିଂହଦେଓ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ସୁରମା ପାଢୀ, ପୂର୍ବତନ ଉପ ବାଚସ୍ପତି ପ୍ରହ୍ଲାଦ ଦୋରା, ରାଜ୍ୟ ଉପ ସଭାପତି ସମୀର ମହାନ୍ତି ଓ ନୟନ କିଶୋର ମହାନ୍ତି, ପୂର୍ବତନ ସାସଂଦ ଓ ରାଜ୍ୟ ସାଧାରଣ ସଂପାଦକ ଅନନ୍ତ ନାୟକ, ପୃଥୀରାଜ ହରିଚନ୍ଦନ ଓ ଭୃଗୁ ବକ୍ସିପାତ୍ର, ରାଜ୍ୟ ସଂପାଦକ ଦିଲୀପ ମଲ୍ଲିକ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତି ପରିଡା, ଭୁବନେଶ୍ୱର ଜିଲ୍ଲା ସଭାପତି ହରେକୃଷ୍ଣ ଖୁଂଟିଆ, ପୁରୀ ଜିଲ୍ଲା ସଭାପତି ପ୍ରଭଞ୍ଜନ ମହାପାତ୍ରଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଏବଂ ଅଟଳପ୍ରେମୀ ପ୍ରମୁଖ ସାମିଲ ଥିଲେ ।

**(ବିଜେପି ମିଡିଆ ସେଲ୍)**